# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**11th May - 2026**

*********************************************

***Desk***

## ପ୍ରଧାନମନ୍ତ୍ରୀ - ଆର୍ଥିକ ଆହ୍ୱାନ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଶବାସୀଙ୍କୁ ଆର୍ଥିକ ଆହ୍ୱାନ, ଯୋଗାଣ ଶୃଙ୍ଖଳ ସମସ୍ୟା ଏବଂ ଆନ୍ତର୍ଜାତିକ ସଂଘର୍ଷ ଯୋଗୁଁ ଉପୁଜୁଥିବା ସ୍ଥିତିର ମୁକାବିଲାପାଇଁ ସାମୂହିକ ପଦକ୍ଷେପ ନେବାକୁ ଆହ୍ୱାନ ଦେଇଛନ୍ତି। ହାଇଦ୍ରାବାଦଠାରେ ଏକ କାର୍ଯ୍ୟକ୍ରମରେ ସମ୍ବୋଧନ କରି ଶ୍ରୀ ମୋଦି' ପେଟ୍ରୋଲ ଓ ଡିଜେଲ ବ୍ୟବହାର ହ୍ରାସ କରିବା ସହ ସାର୍ବଜନୀନ ପରିବହନ, କାର ପୁଲିଂ ଏବଂ ବୈଦ୍ୟୁତିକ ଯାନ ବ୍ୟବହାର ବଢ଼ାଇବାକୁ ପରାମର୍ଶ ଦେଇଛନ୍ତି। ଦେଶୀୟ ପର୍ଯ୍ୟଟନକୁ ପ୍ରୋତ୍ସାହନ ଦେଇ ବିଦେଶୀ ମୁଦ୍ରା ସଂରକ୍ଷଣରେ ସହଯୋଗ କରିବା, ସ୍ଥାନୀୟ ଉତ୍ପାଦ ବ୍ୟବହାର, ଅନାବଶ୍ୟକ ସୁନା କ୍ରୟ ଓ ବିଦେଶ ଯାତ୍ରାରୁ ବିରତ ରହିବା ପାଇଁ ମଧ୍ୟ ଶ୍ରୀ ମୋଦି ଅନୁରୋଧ କରିଛନ୍ତି।

***Voice (PM)*** :.......

*Desk*

## ପ୍ରଧାନମନ୍ତ୍ରୀ - ସୋମନାଥ ଗସ୍ତ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି ଗୁଜରାଟର ସୋମନାଥ ଅମୃତ ପର୍ବ-୨୦୨୬ରେ ଅଂଶଗ୍ରହଣ କରିବେ । ଭାରତର ପ୍ରଥମ ଜ୍ୟୋତିର୍ଲିଙ୍ଗ ସୋମନାଥ ମହାଦେବ ମନ୍ଦିରର ପୁନଃନିର୍ମାଣର ୭୫ ବର୍ଷ ପାଳନ ଅବସରରେ ସୋମନାଥ ଅମୃତ ପର୍ବ-୨୦୨୬ ପାଳନ କରାଯାଉଛି । ଶ୍ରୀ ମୋଦି ପ୍ରଭୁ ସୋମନାଥଙ୍କ ଦର୍ଶନ କରିବା ସହ ସେଠାରେ ପ୍ରାର୍ଥନା ଏବଂ କୁମ୍ଭାଭିଷେକ  ରୀତି ସମ୍ପନ୍ନ କରିବେ ।

ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଭୁବନେଶ୍ୱରସ୍ଥିତ ଲିଙ୍ଗରାଜ ମନ୍ଦିରଠାରେ ଆଜି ପୂର୍ବାହ୍ନରେ ସୋମନାଥ ସ୍ୱାଭିମାନ ପର୍ବ କାର୍ଯ୍ୟକ୍ରମ ଆୟୋଜିତ ହେବ। ଏଥିରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେବାର କାର୍ଯ୍ୟସୂଚୀ ରହିଛି।

*Desk*

## ଡି.ଜି.ପି. - ସମୀକ୍ଷା ବୈଠକ

ଭୁବନେଶ୍ୱରରେ ପୋଲିସ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକରେ ରାଜ୍ୟର ଆଇନ-ଶୃଙ୍ଖଳା, ଅପରାଧ ନିୟନ୍ତ୍ରଣ ଏବଂ ଲୋକାଭିମୁଖୀ ପୋଲିସିଂ ବ୍ୟବସ୍ଥା ସୁଦୃଢ଼ କରିବା ଉପରେ ଆଲୋଚନା ହୋଇଛି । ଶ୍ରୀ ଖୁରାନିଆ

ସମସ୍ତ ଜିଲ୍ଲା ଏସପି ଓ ରେଞ୍ଜ ଅଧିକାରୀମାନଙ୍କୁ ଅପରାଧ ନିୟନ୍ତ୍ରଣ, ଜନସାଧାରଣଙ୍କ ସହ ପୋଲିସର ସମନ୍ୱୟ ବୃଦ୍ଧି ଏବଂ ଜରୁରୀକାଳୀନ ସହାୟତା ଯାନ କର୍ମଚାରୀଙ୍କୁ ବୃତ୍ତିଗତ ତାଲିମ ପ୍ରଦାନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଗୁରୁତର ଅପରାଧ ମାମଲାର ତ୍ୱରିତ ତଦନ୍ତ, ଶୀଘ୍ର ଗିରଫଦାରୀ ଏବଂ ଆଇନସମ୍ମତ ଦଣ୍ଡାଦେଶ ସୁନିଶ୍ଚିତ କରିବାକୁ ବରିଷ୍ଠ ଅଧିକାରୀମାନଙ୍କୁ ଦାୟିତ୍ୱ ଦିଆଯାଇଛି।

***Desk***

# ମୁଖ୍ୟମନ୍ତ୍ରୀ - ଜନଶୁଣାଣି

ରାଜ୍ୟରେ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀଙ୍କ ଜନଅଭିଯୋଗ ଶୁଣାଣି ଆଜି ବନ୍ଦ ରହିବ। ଭୁବନେଶ୍ୱରଠାରେ ହେବାକୁ ଥିବା ଏହି ଶୁଣାଣି କାର୍ଯ୍ୟକୁ ବନ୍ଦ ରଖାଯାଇଥିବା ନେଇ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ଜଣାଇ ଦିଆଯାଇଛି। ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ଜନସାଧାରଣଙ୍କୁ ସମ୍ବାଦପତ୍ର ମାଧ୍ୟମରେ ଜଣାଇ ଦିଆଯିବ।

***Puri/R***

# ରତ୍ନଭଣ୍ଡାର - ଗଣତି ମଣତି

ରାଜ୍ୟ ସରକାରଙ୍କ ଅନୁମୋଦିତ ମାର୍ଗଦର୍ଶିକା ଅନୁଯାୟୀ ଶ୍ରୀମନ୍ଦିର ରତ୍ନଭଣ୍ଡାରରେ ଗଚ୍ଛିତ ଅଳଙ୍କାର ଓ ମୂଲ୍ୟବାନ ସାମଗ୍ରୀର ଗଣତି କାର୍ଯ୍ୟ

ଆଜିଠାରୁ ପୁଣି ଥରେ ଆରମ୍ଭ ହେଉଛି । ଭିତର ଚନ୍ଦନ ଯାତ୍ରା ସମୟରେ ଗଣତି ମଧ୍ୟାହ୍ନ ଧୂପ ପରେ ଆରମ୍ଭ ହେବ। ଏହି ସମୟରେ ଅପରାହ୍ନ ପ୍ରାୟ ୪ଟାରୁ ସନ୍ଧ୍ୟା ଧୂପ ପର୍ଯ୍ୟନ୍ତ ଭିତର କାଠ ନିକଟରୁ ସାଧାରଣ ଦର୍ଶନ ବନ୍ଦ ରହିବ, ତେବେ ବାହାର କାଠଠାରୁ ଦର୍ଶନ ବ୍ୟବସ୍ଥା ଜାରି ରହିବ।

***Nayagarh/R***

## ନୀଳମାଧବ - ଚନ୍ଦନ ଯାତ୍ରା

ନୟାଗଡ଼ ଜିଲ୍ଲାର କଣ୍ଟିଲୋ ଶ୍ରୀନୀଳମାଧବ ପୀଠରେ ଅକ୍ଷୟ ତୃତୀୟାରୁ ଆରମ୍ଭ ହୋଇଥିବା ୨୧ ଦିନିଆ ବାହାର ଚନ୍ଦନ ଯାତ୍ରା ଭଉଁରୀ ଉତ୍ସବ ସହ ଉଦଯାପିତ ହୋଇଛି। ରୀତିନୀତି ଅନୁଯାୟୀ ଶ୍ରୀବିଗ୍ରହଙ୍କ ସାହି ପରିକ୍ରମା, ଚାଚେରୀ ଭୋଗ ଓ ଚନ୍ଦନ ପୋଖରୀରେ ପାରମ୍ପରିକ ଚାପ ଖେଳ ଅନୁଷ୍ଠିତ ହୋଇଥିଲା। ଉତ୍ସବରେ ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା।

***Nabarangpur/R***

## ଓର୍‌ମାସ - ହଳଦୀ

ନବରଙ୍ଗପୁର ଜିଲ୍ଲାର କୋଷାଗୁମୁଡା ବ୍ଲକରେ ଉତ୍ପାଦିତ ହଳଦୀ ପାଇଁ ଓର୍‌ମାସ ବୈଷୟିକ ସହାୟତା ଓ ବଜାର ସୁବିଧା ଯୋଗାଇଦେବ । ବ୍ଲକରେ ୨୫ ଏକର ଜମିରେ ଚାଷ ହୋଇଥିବା ହଳଦୀରୁ ପ୍ରାୟ ୧୫୦ ଟନ୍

ଉତ୍ପାଦନ ହୋଇଥିବାବେଳେ, ଏହାକୁ ବିଭିନ୍ନ ବଜାରରେ ବିକ୍ରି ପାଇଁ ବ୍ୟବସ୍ଥା କରାଯିବ ବୋଲି ଜଣାପଡ଼ିଛି ।

***Desk***

## ଜାତୀୟ ପ୍ରଯୁକ୍ତିବିଦ୍ୟା ଦିବସ

ଜାତୀୟ ପ୍ରଯୁକ୍ତିବିଦ୍ୟା ଦିବସ ଆଜି ପାଳନ କରାଯାଉଛି । ୧୯୯୮ ମସିହା ମଇ ମାସରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ସରକାର ରାଜସ୍ଥାନର ପୋଖରାନଠାରେ ସଫଳତାର ସହିତ ପରମାଣୁ ପରୀକ୍ଷା କରିଥିଲେ। ଭାରତର ସାହସିକତାକୁ ବିଶ୍ୱ ଦରବାରରେ ପହଞ୍ଚାଇଥିବା ଉଦ୍ଦେଶ୍ୟରେ ପ୍ରତିବର୍ଷ ଆଜିର ଦିନକୁ ଜାତୀୟ ପ୍ରଯୁକ୍ତିବିଦ୍ୟା ଦିବସ ଭାବେ ପାଳନ କରାଯାଇଥାଏ । ଚଳିତ ବର୍ଷ ଏହି ଦିବସର ବାର୍ତ୍ତା ରହିଛି "ସମାବେଶୀ ବିକାଶପାଇଁ ଦାୟିତ୍ୱପୂର୍ଣ୍ଣ ନବସୃଜନ" ।

***Desk***

## ପାଣିପାଗ

ଦକ୍ଷିଣ ଆଣ୍ଡାମାନ ସାଗର ଓ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ସକ୍ରିୟ ଘୂର୍ଣ୍ଣିବଳୟର ପ୍ରଭାବରେ ଦକ୍ଷିଣ-ପଶ୍ଚିମ ବଙ୍ଗୋପସାଗରରେ ଆଜିସୁଦ୍ଧା ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା ରହିଛି । ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ ଏହାର ପ୍ରଭାବରେ ରାଜ୍ୟରେ ବର୍ଷା ହେବାର ସମ୍ଭାବନା ରହିଛି ।

କାଳବୈଶାଖୀ ପ୍ରଭାବରେ ରାଜ୍ୟରେ ତାପମାତ୍ରା ହ୍ରାସ ପାଇଛି । ଗତକାଲି ପ୍ରାୟ ସହରର ତାପମାତ୍ରା ୪୦ ଡିଗ୍ରୀ ସେଲ୍‌ସିୟସ୍ ତଳେ ରହିଥିବା ପାଣିପାଗ କେନ୍ଦ୍ର ପକ୍ଷରୁ କୁହାଯାଇଛି ।

*****